**DECEMBER,2024**

## ଭାଷାବିଜ୍ଞାନ

ସମୟ -୩ ଘଣ୍ଟା ପୂର୍ଣ୍ଣସଂଖ୍ୟା- ୧୦୦

ନିର୍ଦ୍ଦେଶ ଅନୁସାରେ ପ୍ରଶ୍ନଗୁଡିକର ଉତ୍ତର ପ୍ରଦାନ କରନ୍ତୁ ।

### କ- ବିଭାଗ

**୧. ଠିକ୍ ଉତ୍ତର ଚୟନ କରି ଶୁନ୍ୟସ୍ଥାନ ପୂରଣ କର ଏବଂ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।** **(୧×୧୦=୧୦)**

କ. ଲାଟିନ୍ ଶବ୍ଦ Lingua ର ମୂଳ ଅର୍ଥ ହେଉଛି _________। (କର୍ଣ୍ଣ , ଜିହ୍ୱା, ମୁଖ, ବାକ୍ ଯନ୍ତ୍ର )

ଖ. _____________ ଭାଷାର ଏକ ପ୍ରବୃତ୍ତି । (ପରିବର୍ତ୍ତନଶୀଳତା, ସ୍ଥିରତା,ବ୍ୟକ୍ତିଗତ ସମ୍ପତ୍ତି, ଅର୍ଥହୀନତା )

ଗ. ଭାରତର ରାଷ୍ଟ୍ରଭାଷା ହେଉଛି______ ।(ହିନ୍ଦୀ, ଇଂରାଜୀ, ସଂସ୍କୃତ, କୌଣସିଟି ନୁହେଁ )

ଘ. ____________ ଧାତୁ ସିଦ୍ଧାନ୍ତର ପ୍ରତିଷ୍ଠା କରିବା ସହିତ ପ୍ରତ୍ୟାଖ୍ୟାନ ମଧ୍ୟ କରିଥିଲେ ।
(ମାକ୍ସ ମ୍ୟୁଲାର, କାର୍ଡଲିଫ୍, ରୁଷୋ, ରେବେଜ)

ଙ. ପ୍ରଫେସର ହଡସନ୍ _________ମତବାଦର ପ୍ରବକ୍ତା।
( ଦୈବୀ ସିଦ୍ଧାନ୍ତ, ପ୍ରେମ ସିଦ୍ଧାନ୍ତ, ସମ୍ପର୍କ ସିଦ୍ଧାନ୍ତ, ସଙ୍ଗୀତ ସିଦ୍ଧାନ୍ତ )

ଚ. ମନୋବୈଜ୍ଞାନିକ ରେବେଜ୍(Revez) ___________ ସିଦ୍ଧାନ୍ତର ପ୍ରତିପାଦକ ।
(ସଙ୍ଗୀତ ସିଦ୍ଧାନ୍ତ, ସମ୍ପର୍କ ସିଦ୍ଧାନ୍ତ, ଟାଟା ସିଦ୍ଧାନ୍ତ, ଲଗଭଗ୍ ସିଦ୍ଧାନ୍ତ )

ଛ. ଇଂରାଜୀ ଭାଷା________ ଭାଷା ପରିବାରର ଅନ୍ତର୍ଭୁକ୍ତ।
(ଚୀନ-ତୀବତୀୟ, ଭାରତୟୁରୋପୀୟ, ଦ୍ରାବିଡ, କେକେଶୀୟ )

ଜ. ସଂସ୍କୃତ ଭାଷା_________ ଶାଖା ସହ ସଂପୃକ୍ତ ।(ଶତମ୍, କେନ୍ଟୁମ, ସେମିଟିକ, ହେମିଟିକ୍)

ଝ. ପାଠ୍ୟ ପୁସ୍ତକ ______ଭାଷାରେ ରଚନା କରାଯାଏ ।( ଉପଭାଷା, ଉପଭାଷା, ସ୍ଥାନୀୟ ଭାଷା, ଅପଭାଷା)

ଞ. ଦେଶୀୟା ଉପଭାଷା ବା କଥିତ ଭାଷା _________ଅଞ୍ଚଳର ଅଟେ ।
(ସମ୍ବଲପୁର, କଟକ, କୋରାପୁଟ, ବାଲେଶ୍ୱର)

### ଖ- ବିଭାଗ

**୨. ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ ।(୫୦ଟି ଶବ୍ଦରେ)** **(୨×୯=୧୮)**

କ. ଭାଷା ଯାଦୃଚ୍ଛିକ(Arbitrary) ଅଟେ - କହିଲେ କ'ଣ ବୁଝ ?

ଖ. ରାଜଭାଷା କ'ଣ?

ଗ. ଧାତୁ ସିଦ୍ଧାନ୍ତ (Ding-dung Theory) କୁ କାହିଁକି ଗ୍ରହଣ କରାଗଲା ନାହିଁ ?

ଘ. ଦୈବୀ ସିଦ୍ଧାନ୍ତ (Divine Theory) ଅନୁସାରେ ଭାଷା କିପରି ସୃଷ୍ଟି ହୋଇଛି ?

ଙ. ଭାରତୟୁରୋପୀୟ ଭାଷା ପରିବାରର ଦୁଇଟି ଶାଖାର ନାମ ଲେଖ ଏବଂ ପ୍ରତ୍ୟେକ ଶାଖାର ଦୁଇଟି ଲେଖାଏଁ ଭାଷାର ନାମ ଲେଖ ।

ଚ. ଭାରତରେ କଥିତ ଚାରୋଟି  ଭାଷା ପରିବାରର ନାମ ଉଲ୍ଲେଖ କର ।

ଛ. କେଉଁ ସବୁ ମାନଦଣ୍ଡକୁ ଆଧାର କରି ଭାଷାର ଶ୍ରେଣୀବିଭାଗ କରାଯାଏ ଉଲ୍ଲେଖ କର ।

ଜ. କେଉଁ ସବୁ କ୍ଷେତ୍ରରେ ମାନକ ଭାଷାର ଉପଯୋଗିତା ରହିଛି ଉଲ୍ଲେଖ କର ।

ଝ. ଓଡ଼ିଶାର କଥିତ ବିଭିନ୍ନ ଉପଭାଷା ଅଞ୍ଚଳର  ନାମ ଉଲ୍ଲେଖ କର ।

## ଗ- ବିଭାଗ

**୩. ଯେକୌଣସି ୮ଟି ପ୍ରଶ୍ନର ଉତ୍ତର ୨୫୦ ଶବ୍ଦରେ ପ୍ରଦାନ କର ।** **(୫×୮=୪୦)**

କ. ଭାଷାର କେତୋଟି ସଂଜ୍ଞା ପ୍ରଦାନ କର।

ଖ. ଭାଷାର ଲକ୍ଷଣଗୁଡ଼ିକ ଉଲ୍ଲେଖ କର ।

ଗ. ଭାଷା ଉତ୍ପତ୍ତି ସମ୍ବନ୍ଧୀୟ ବିଭିନ୍ନ ମତବାଦ ମଧ୍ୟରୁ ପାଞ୍ଚୋଟିର ନାମ ଏବଂ
ଏଗୁଡିକର ପ୍ରବକ୍ତାଙ୍କ ନାମ ଉଲ୍ଲେଖ କର ।

ଘ. ସଙ୍ଗୀତ ସିଦ୍ଧାନ୍ତ ବା Sing-Song Theoryର ପ୍ରବକ୍ତା କିଏ ଓ ସେ ଭାଷା ଉତ୍ପତ୍ତି ସମ୍ପର୍କରେ କଣ କହିଛନ୍ତି?

ଙ. ଦ୍ରାବିଡ ଭାଷା ପରିବାରର ସଂକ୍ଷିପ୍ତ ପରିଚୟ ପ୍ରଦାନ କର ।

ଚ. ମଧ୍ୟ ଭାରତୀୟ ଆର୍ଯ୍ୟଭାଷାର ବିଭିନ୍ନ ବୈଶିଷ୍ଟ୍ୟ ଆକଳନ କର ।

ଛ. ମାନକ ଭାଷା ଓ ଉପଭାଷା ମଧ୍ୟରେ  ପାର୍ଥକ୍ୟ ଦର୍ଶାଅ |

ଜ. ପଶ୍ଚିମାଞ୍ଚଳ କଥିତ ଓଡ଼ିଆ ବା ଉପଭାଷାର ପରିଚୟ ପ୍ରଦାନ କର ।

ଝ. ମଧ୍ୟ ଭାରତୀୟ ଆର୍ଯ୍ୟଭାଷାର ବୈଶିଷ୍ଟ୍ୟ ଉଲ୍ଲେଖ କର ।

ଞ. ଭାଷାର ବର୍ଗୀକରଣ କର ।

## ଘ-ବିଭାଗ

**୪.  ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ୮୦୦ ଶବ୍ଦରେ ପ୍ରଦାନ କର ।** **(୮ X ୪ = ୩୨ )**

କ. ଭାରତୟୁରୋପୀୟ   ଭାଷା ପରିବାରର ସଂକ୍ଷିପ୍ତ ପରିଚୟ ପ୍ରଦାନ କର ।

ଖ. ଭାଷାର ସଂଜ୍ଞା, ଲକ୍ଷଣ ଏବଂ ପ୍ରକୃତି ସଂପର୍କରେ ଆଲୋଚନା କର ।

ଗ. ଭାଷା ଉତ୍ପତ୍ତି ସମ୍ବନ୍ଧୀୟ ବିଭିନ୍ନ ମତବାଦଗୁଡିକର ସଂକ୍ଷିପ୍ତ ଆଲୋଚନା କର ।

ଘ. ଓଡ଼ିଶାରେ ପ୍ରଚଳିତ ବିଭିନ୍ନ ଆଞ୍ଚଳିକ ଭାଷା ବା ଉପଭାଷା ମାନଙ୍କର ପରିଚୟ ତଥା ସ୍ୱାତନ୍ତ୍ର୍ୟ ପ୍ରଦାନ କର  ।

ଙ.  ଭାରତୀୟ ଆର୍ଯ୍ୟ ଭାଷାର ଏକ ବିବରଣୀ ପ୍ରଦାନ କର ।

*******

**+3 SEM-1(NEP)**
**ODI-C-1(P-2)**

**DECEMBER -2024**

# ସାହିତ୍ୟର ସ୍ୱରୂପ

ସମୟ -୩ ଘଣ୍ଟା ପୂର୍ଣ୍ଣସଂଖ୍ୟା- ୧୦୦

ନିର୍ଦ୍ଦେଶ ଅନୁସାରେ ପ୍ରଶ୍ନଗୁଡିକର ଉତ୍ତର ପ୍ରଦାନ କରନ୍ତୁ ।

## କ- ବିଭାଗ

**୧. ଠିକ୍ ଉତ୍ତର ଚୟନ କରି ଶୂନ୍ୟସ୍ଥାନ ପୂରଣ କର ଏବଂ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।** **(୧×୧୦=୧୦)**

କ. ପଦ୍ୟ ଓ ଗଦ୍ୟ ମିଶ୍ରିତ କାବ୍ୟ କାବ୍ୟକୁ_________ କୁହାଯାଏ। (ମୁକ୍ତକ , ଚମ୍ପୂ, ମହାକାବ୍ୟ, ସର୍ଗ )

ଖ. କାବ୍ୟର ଆରମ୍ଭରେ ଥିବା ଖଳ ନିନ୍ଦା ଏବଂ ଇଷ୍ଟ ସ୍ତୁତିକୁ _______ କୁହାଯାଏ ।
(ମଙ୍ଗଳାଚରଣ, ଛାନ୍ଦ, ସର୍ଗ, ଶୃଙ୍ଗାର ରସ )

ଗ. କୌଣସି ଜନପ୍ରିୟ କାହାଣୀ ବା କିମ୍ବଦନ୍ତୀକୁ ଆଧାର କରି ରଚିତ ଗାନଯୋଗ୍ୟ କବିତାକୁ ______ କୁହାଯାଏ। ( ଗାଥା କବିତା, ଶୋକଗୀତିକା, ସମ୍ବୋଧନ ଗୀତିକା,ଭଜନ )

ଘ. ଗଦ୍ୟ ସାହିତ୍ୟର ______ କୁ କଥା କବିତା ବା Lyric in Prose କୁହାଯାଏ ।
(ଉପନ୍ୟାସ, ଭ୍ରମଣ କାହାଣୀ,କ୍ଷୁଦ୍ରଗଳ୍ପ, ଆତ୍ମଜୀବନୀ)

ଙ. ଫକୀର ମୋହନ ସେନାପତିଙ୍କ 'ରେବତୀ' _________ ଶ୍ରେଣୀର କ୍ଷୁଦ୍ରଗଳ୍ପ।
( ବୈଜ୍ଞାନିକ, ଐତିହାସିକ, ଆତ୍ମଜୀବନୀମୂଳକ, ସାମାଜିକ)

ଚ. ଇଟାଲୀୟ ଶବ୍ଦ Novella ର ଅର୍ଥ ହେଉଛି___________ ।
(ସାହିତ୍ୟ, ନୂଆ କଥା, ବିପରିତ, ଅବୋଧ)

ଛ. 'ନାଟ୍ୟଶାସ୍ତ୍ର'ର ରଚୟିତା ହେଉଛନ୍ତି ________ ।
(ଭରତ ମୁନି, ଧନଞ୍ଜୟ, ଆନନ୍ଦ ବର୍ଦ୍ଧନ, କାଳିଦାସ )

ଜ. ଦୃଶ୍ୟ କାବ୍ୟ _______ କୁ ବୁଝାଏ (କ୍ଷୁଦ୍ରଗଳ୍ପ, ଉପନ୍ୟାସ, କବିତା, ନାଟକ)

ଝ. ଫ୍ରେଞ୍ଚ ଶବ୍ଦ Essais ର ଅର୍ଥ ହେଉଛି ______ ।(ଚେଷ୍ଟା କରିବା, ହସକଥା, ଗୀତ ଗାଇବା, ଦୀର୍ଘ ସାହିତ୍ୟ)

ଞ. _________ପ୍ରକାର ସାହିତ୍ୟରେ ଆତ୍ମସମର୍ଥନ ଏକ ମୁଖ୍ୟ ବିଭାବ ଅଟେ ।
( ଆତ୍ମଜୀବନୀ, ଜୀବନୀ ସାହିତ୍ୟ, କ୍ଷୁଦ୍ରଗଳ୍ପ, ଉପନ୍ୟାସ)

## ଖ- ବିଭାଗ

**୨. ସମସ୍ତ ପ୍ରଶ୍ନର ଉତ୍ତର ଦିଅ । (୫୦ ଟି ଶବ୍ଦରେ)** **(୨×୯=୧୮)**

କ. ଦୁଇଟି ଭାରତୀୟ ମହାକାବ୍ୟର ଉଦାହରଣ ପ୍ରଦାନ କର |

ଖ. ମୁକ୍ତକ କହିଲେ କ'ଣ ବୁଝ?

ଗ. ଗୀତି କବିତାର ସଂକ୍ଷିପ୍ତ ସଂଜ୍ଞା ପ୍ରଦାନ କର ।

ଘ କ୍ଷୁଦ୍ରଗଳ୍ପ ଯେ କୌଣସି ଗୋଟିଏ ସଂଜ୍ଞା ପ୍ରଦାନ କର ।

ଙ. ଉପନ୍ୟାସର କଥାବସ୍ତୁ ବା Plot କହିଲେ କ'ଣ ବୁଝ ?

ଚ. ନାଟକର ଶ୍ରେଣୀ ବିଭାଗ ଦର୍ଶାଅ।

ଛ. ଏକଙ୍କିକାର କଥାବସ୍ତୁ କିପରି ହୋଇଥାଏ ?

ଜ. ଭ୍ରମଣ କାହାଣୀ ଲକ୍ଷଣ ଦର୍ଶାଅ ।

ଝ. ରମ୍ୟ ରଚନାର ମୁଖ୍ୟ ଧର୍ମ କ'ଣ ?

## ଗ- ବିଭାଗ

**୩. ୮ଟି ପ୍ରଶ୍ନର ଉତ୍ତର ୨୫୦ ଶବ୍ଦରେ ପ୍ରଦାନ କର ।** **(୫×୮=୪୦)**

କ. ସନେଟ ବା ଚତୁର୍ଦ୍ଦଶପାଦୀ କବିତା ସଂଜ୍ଞା ଓ ପ୍ରକାର ଭେଦ ଲେଖ ।

ଖ. ମହାକାବ୍ୟ ଏବଂ ଖଣ୍ଡକାବ୍ୟ ମଧ୍ୟରେ ଥିବା ପାର୍ଥକ୍ୟ ସମ୍ପର୍କରେ ଆଲୋଚନା କର ।

ଗ. ସମ୍ବୋଧନ ଗୀତିକା(Ode) କ'ଣ ବୁଝାଅ ଏବଂ କେତୋଟି ଓଡିଆ ସମ୍ବୋଧନ ଗୀତିକାର ଉହାହରଣ ପ୍ରଦାନ କର।

ଘ. ଉପନ୍ୟାସର ବର୍ତ୍ତୁଳ ଏବଂ ସରଳ ଚରିତ୍ର ମଧ୍ୟରେ ପାର୍ଥକ୍ୟ କ'ଣ - ବିଚାର କର ?

ଙ. କ୍ଷୁଦ୍ରଗଳ୍ପର ଗଠନରୀତି ସଂକ୍ଷେପରେ ପ୍ରକାଶ କର ।

ଚ. ନାଟକକୁ କାହିଁକି ମିଶ୍ରକଳା ବା Composite Art କୁହାଯାଏ, ବୁଝାଅ।

ଛ. ଏକାଙ୍କିକାର ସଂଜ୍ଞା ଓ ସ୍ୱରୂପ ଅବଗତ କରାଅ ।

ଜ. ଭ୍ରମଣ କାହାଣୀ କାହାକୁ କୁହାଯାଏ ? ପଞ୍ଚୋଟି ଓଡ଼ିଆ ଭ୍ରମଣ ସାହିତ୍ୟ ତଥା ସାହିତ୍ୟିକଙ୍କ ନାମୋଲ୍ଲେଖ କର I

ଝ. ରମ୍ୟ ରଚନା କ'ଣ, ବୁଝାଅ ।

ଞ. ଜୀବନୀ ଓ ଆତ୍ମଜୀବନୀ ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶାଅ ।

## ଘ-ବିଭାଗ

**୪. ୪ଟି ପ୍ରଶ୍ନର ଉତ୍ତର ୮୦୦ ଶବ୍ଦରେ ପ୍ରଦାନ କର ।** **(୪ ×୮ =୩୨)**

କ. ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟ ତତ୍ତ୍ୱ ଅନୁସାରେ କାବ୍ୟର ସଂଜ୍ଞା ପ୍ରଦାନ କର। କାବ୍ୟର ପ୍ରକାର ଭେଦ ଦର୍ଶାଅ ।

ଖ. ଉପନ୍ୟାସ ସମ୍ବନ୍ଧରେ ବିଭିନ୍ନ ଆଲୋଚକଙ୍କ ପ୍ରଦତ୍ତ ସଂଜ୍ଞାଗୁଡିକ ଉଲ୍ଲେଖ କର । ଉପନ୍ୟାସର ପ୍ରକାର ଭେଦ ଆଲୋଚନା କର ।

ଗ. ନାଟକର ସଂଜ୍ଞା ଓ ଗଠନରୀତି ଉପରେ ଆଲୋକପାତ କର ।

ଘ. କବିତାର ବିବିଧ ଧାରା ସମ୍ବନ୍ଧରେ ଆଲୋଚନା କର I

ଙ. ପ୍ରବନ୍ଧର ସଂଜ୍ଞା, ସ୍ୱରୂପ ଏବଂ ପ୍ରକାର ଭେଦ ଆଲୋଚନା କର ।

*******

**+3 Sem-1(NEP)**
**ODI-C-2(P-1)**

**DECEMBER 2024**
# ଭାଷାବିଜ୍ଞାନ

ସମୟ -୩ ଘଣ୍ଟା ପୂର୍ଣ୍ଣସଂଖ୍ୟା- ୧୦୦

*ନିର୍ଦ୍ଦେଶ ଅନୁସାରେ ପ୍ରଶ୍ନଗୁଡିକର ଉତ୍ତର ପ୍ରଦାନ କରନ୍ତୁ |*

## କ- ବିଭାଗ

**୧. ଠିକ୍ ଉତ୍ତର ଚୟନ କରି ଶୁନ୍ୟସ୍ଥାନ ପୂରଣ କର ଏବଂ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।** **(୧×୧୦=୧୦)**

କ. ଲାଟିନ୍ ଶବ୍ଦ Lo'gas ର ମୂଳ ଅର୍ଥ ହେଉଛି _________ । (କର୍ଣ୍ଣ , ଚିନ୍ତାଶକ୍ତି, ମନ୍ତ୍ର, ଅଭାବ )

ଖ. ଧ୍ୱନି ଉଚ୍ଚାରଣ ସମୟରେ ସବୁଠାରୁ ଅଧିକ କାର୍ଯ୍ୟକାରୀ ହେଉଥିବା ଅଙ୍ଗ ହେଉଛି _______ ।
(ଦନ୍ତ, ଓଷ୍ଠ, ଜିହ୍ୱା, ଉପର ମାଢ଼ି )

ଗ. ସମ୍ବଲପୁରୀ ଭାଷାକୁ ______ ଶ୍ରେଣୀରେ ଗ୍ରହଣ କରାଯିବ ।
( ଆଞ୍ଚଳିକ ଭାଷା, ରାଜଭାଷା, ରାଷ୍ଟ୍ରଭାଷା, ବୈଷୟିକ ଭାଷା )

ଘ. ____________ ଧାତୁ ସିଦ୍ଧାନ୍ତର ପ୍ରତିଷ୍ଠା କରିବା ସହିତ ପ୍ରତ୍ୟାଖ୍ୟାନ ମଧ୍ୟ କରିଥିଲେ ।
(ମାକ୍ସ ମ୍ୟୁଲାର, କାର୍ଡଲିଫ୍, ରୁଷୋ, ରେବେଜ)

ଙ. ମନସ୍ତତ୍ତ୍ୱବିତ ସ୍ଲେଗେଲ(Schlegel)_________ମତବାଦର ପ୍ରବକ୍ତା ।
( ପ୍ରତିବିମ୍ବ ସିଦ୍ଧାନ୍ତ, ପ୍ରେମ ସିଦ୍ଧାନ୍ତ, ସମ୍ପର୍କ ସିଦ୍ଧାନ୍ତ, ସଙ୍ଗୀତ ସିଦ୍ଧାନ୍ତ )

ଚ . ଭାଷା ବିଜ୍ଞାନୀ ହେନରୀ ସ୍ୱୀଟ(Henry Sweet) ___________ ସିଦ୍ଧାନ୍ତର ପ୍ରତିପାଦକ ।
(ସଙ୍ଗୀତ ସିଦ୍ଧାନ୍ତ, ସମ୍ପର୍କ ସିଦ୍ଧାନ୍ତ, ସମନ୍ୱିତ ସିଦ୍ଧାନ୍ତ, ଲଗଭଗ୍ ସିଦ୍ଧାନ୍ତ )

ଛ. ପଲ୍ଲବୀ ଭାଷା________ ଭାଷା ପରିବାରର ଅନ୍ତର୍ଭୁକ୍ତ।
(ଚୀନ-ତୀବତୀୟ, ଭାରତୟୁରୋପୀୟ, ଦ୍ରାବିଡ, କେକେଶୀୟ )

ଜ. ଓଡ଼ିଆ ଭାଷା_________ ଶାଖା ସହ ସଂପୃକ୍ତ I(ଶତମ୍, କେନ୍ତୁମ, ସେମିଟିକ, ହେମିଟିକ୍)

ଝ. ପାଠ୍ୟ ପୁସ୍ତକ ______ଭାଷାରେ ରଚନା କରାଯାଏ ।( ଉପଭାଷା, ଉପଭାଷା, ସ୍ଥାନୀୟ ଭାଷା, ଅପଭାଷା)

ଞ. "ଅଷ୍ଟାଧ୍ୟାୟୀ" ଗ୍ରନ୍ଥର ପ୍ରଣେତା ହେଉଛନ୍ତି _________ ।
(ପାଣିନୀ, କାତ୍ୟାୟନ, ଅମରସିଂହ, ପତଞ୍ଜଳି)

## ଖ- ବିଭାଗ

**୨. ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।(୫୦ଟି ଶବ୍ଦରେ)** **(୨×୯=୧୮)**

କ. ଭାଷା କିପରି ବ୍ୟକ୍ତଗତ ସମ୍ପତ୍ତି ନୁହେଁ , ବୁଝାଅ |

ଖ. ରାଷ୍ଟ୍ରଭାଷା କହିଲେ କ'ଣ ବୁଝ ?

ଗ. ସମନ୍ୱିତ ସିଦ୍ଧାନ୍ତ ବା Theory of Unification ସଂପର୍କରେ ସୂଚନା ପ୍ରଦାନ କର l

ଘ ଦୈବୀ ସିଦ୍ଧାନ୍ତ (Divine Theory) ଅନୁସାରେ ଭାଷା କିପରି ସୃଷ୍ଟି ହୋଇଛ ?

ଙ.ଶ୍ରମ ଅପନୋଦନ ସିଦ୍ଧାନ୍ତ ( Ye-He-Ho Theory) ଭାଷା ସୃଷ୍ଟି ସମ୍ବନ୍ଧରେ କଣ କହିଥାଏ ।

ଚ.ଭାରତୀୟ ଆର୍ଯ୍ୟଭାଷାର ବିଭିନ୍ନ ପାର୍ଯ୍ୟାୟ ସମ୍ପର୍କରେ ସୂଚନା ପ୍ରଦାନ କର ।।

ଛ. କେଉଁ ସବୁ ମାନଦଣ୍ଡକୁ ଆଧାର କରି ଭାଷାର ଶ୍ରେଣୀବିଭାଗ କରାଯାଏ ଉଲ୍ଲେଖ କର ।

ଜ. ଉପଭାଷା ଓ ମାନକ ଭାଷା ମଧ୍ୟରେ ଥିବା ପ୍ରଭେଦ ଉଲ୍ଲେଖ କର ।

ଝ. ଉତ୍ତର ଓଡ଼ିଶାର କଥିତ ଭାଷା ମାନକ ଓଡ଼ିଆଠାରୁ କିଭଳି ଅଲଗା ଉଦାହରଣ ମାଧ୍ୟମରେ ବୁଝାଅ ?

## ଗ- ବିଭାଗ

**୩. ୮ଟି ପ୍ରଶ୍ନର ଉତ୍ତର ୨୫୦ ଶବ୍ଦରେ ପ୍ରଦାନ କର ।** **(୫×୮=୪୦)**

କ. ଭାଷାର ପ୍ରକାର ଭେଦ ସଂପର୍କରେ ଆଲୋଚନା କର।

ଖ. ଭାଷାର ବିଭିନ୍ନ ପ୍ରକୃତି ଉଲ୍ଲେଖ କର ।

ଗ. ଭାଷା ଉତ୍ପତ୍ତି ସମ୍ବନ୍ଧୀୟ ବିଭିନ୍ନ ଅନୁକରଣ ସିଦ୍ଧାନ୍ତ ସମ୍ପର୍କରେ ସୂଚନା ପଦାନ କର ।

ଘ. ଦୈବୀ ସିଦ୍ଧାନ୍ତ ବା Divine Theory କ'ଣ ଓ କାହିଁକି ପ୍ରତ୍ୟାଖ୍ୟାତ ହେଲା ?

ଙ. ଶତମ୍ ଶାଖାର ବିଭିନ୍ନ ଭାଷାମାନଙ୍କର ପରିଚୟ ପ୍ରଦାନ କର ।

ଚ. ଦ୍ରାବିଡ ଭାଷା ପରିବାରର ସଂକ୍ଷିପ୍ତ ପରିଚୟ ପ୍ରଦାନ କର ।

ଛ. ଓଡିଆ ଭାଷାର ବିଭିନ୍ନ ଉପଭାଷା ବା କଥିତ ଭାଷାମାନଙ୍କର ପରିଚୟ ପ୍ରଦାନ କର |

ଜ. ଦକ୍ଷିଣ ଓଡ଼ିଶାର କଥିତ ଓଡ଼ିଆ ଭାଷାର ପରିଚୟ ପ୍ରଦାନ କର ।

ଝ. ଆଧୁନିକ ଭାରତୀୟ ଆର୍ଯ୍ୟଭାଷାର ପରିଚୟ ପ୍ରଦାନ କର ।

ଞ. ପୃଥିବୀର ବିଭିନ୍ନ ଭାଷାର ବର୍ଗୀକରଣ କିପରି କରାଯାଇଛି, ବିଚାର କର ।

## ଘ-ବିଭାଗ

**୪. ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ୮୦୦ ଶବ୍ଦରେ ପ୍ରଦାନ କର ।** **(୮ X ୪ = ୩୨ )**

କ. ପୃଥିବୀର ବିଭିନ୍ନ ଭାଷା ପରିବାରର ସଂକ୍ଷିପ୍ତ ଆଲେଖ୍ୟ ପ୍ରସ୍ତୁତ କର ।

ଖ. ବିଭିନ୍ନ ଭାଷାବିଜ୍ଞାନୀମାନଙ୍କ ପ୍ରଦତ୍ତ ଭାଷାର ସଂଜ୍ଞା ଉଲ୍ଲେଖ କର ଏବଂ ଭାଷାର ପ୍ରକାର ଭେଦ ଗୁଡିକ ଦର୍ଶାଅ |

ଗ. ଭାଷା ଉତ୍ପତ୍ତି ସମ୍ବନ୍ଧୀୟ ବିଭିନ୍ନ ସିଦ୍ଧାନ୍ତଗୁଡିକର ସଂକ୍ଷିପ୍ତ ପରିଚୟ ପ୍ରଦାନ କର ।

ଘ. ମାନକ ଭାଷା କହିଲେ କଣ ବୁଝ ? ଓଡ଼ିଆ ଭାଷାର ମାନକତା ଉପରେ ଆଲୋକପାତ କର ।

ଙ. ଭାରତୀୟ ଆର୍ଯ୍ୟ ଭାଷାର ଏକ ବିବରଣୀ ପ୍ରଦାନ କର ।

**********

**DECEMBER,2024**

# ପରିଶୁଦ୍ଧ ଭାଷା ଓ ଲିଖନ ଧାରା

ସମୟ -୩ ଘଣ୍ଟା                                        ପୂର୍ଣ୍ଣସଂଖ୍ୟା- ୧୦୦

ନିର୍ଦ୍ଦେଶ ଅନୁସାରେ ପ୍ରଶ୍ନଗୁଡିକର ଉତ୍ତର ପ୍ରଦାନ କରନ୍ତୁ ।

## କ- ବିଭାଗ

**୧. ଗୋଟିଏ ବାକ୍ୟ ବା ଗୋଟିଏ ଶବ୍ଦରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦିଅ ।** **(୧×୧୦=୧୦)**

କ. ଶବ୍ଦ କହିଲେ କ'ଣ ବୁଝ ?

ଖ. ଅମୀୟ - ଶୁଦ୍ଧ ରୂପ ଲେଖ

ଗ. ରୂଢ଼ିର ଅର୍ଥ ଲେଖ - କଳାକନା ବୁଲାଇବା

ଘ. ରୂଢ଼ିର ଅର୍ଥ ପ୍ରକାଶ କରୁଥିବା ବାକ୍ୟ ଲେଖ - ଅନ୍ଧର ଲଉଡ଼ି

ଙ. ରାମ ଯୁଦ୍ଧ କଲେ ଏବଂ ରାବଣକୁ ବଧ କଲେ । - ଏହା କି ପ୍ରକାରର ବାକ୍ୟ ?

ଚ. ଗୋଟିଏ ମାତ୍ର ପଦ ଥିବା ବାକ୍ୟଟିଏ ଲେଖ ।

ଛ. ପିଲାମାନେ ପଡିଆରେ ଖେଳୁଛନ୍ତି ।- ଏହି ବାକ୍ୟର ନାସ୍ତି ସୂଚକ ରୂପ ଲେଖ ।

ଜ. ଫିଚର ଓ ସ୍ତମ୍ଭ ସମ୍ବାଦପତ୍ରର _______ପୃଷ୍ଠାରେ ପ୍ରକାଶିତ ହୁଏ ।

ଝ. ତୁମ ବନ୍ଧୁଙ୍କ ପାଖକୁ ପଠାଉଥିବା ପତ୍ର _______ ଶ୍ରେଣୀର ପତ୍ର ଅଟେ ।

ଞ. ଲାଟିନ୍ ଶବ୍ଦ Adverter ଅର୍ଥ ହେଉଛି ___________।

## ଖ- ବିଭାଗ

**୨. ୯ଟି ପ୍ରଶ୍ନର ଉତ୍ତର ଦିଅ ।(୫୦ଟି ଶବ୍ଦରେ)** **(୨×୯=୧୮)**

କ. ସନ୍ଧି ଜନିତ ଅଶୁଦ୍ଧିର ଦୁଇଟି ଉଦାରଣ ପ୍ରଦାନ କର ।

ଖ. ସମାସ ଜନିତ ଅଶୁଦ୍ଧିର ଦୁଇଟି ଉଦାହରଣ ପ୍ରଦାନ କର ।

ଗ. ଦୁଇଟି କ୍ରିୟାଯୁକ୍ତ ରୂଢ଼ିର ଉଦାହରଣ ପ୍ରଦାନ କର ଏବଂ ଅର୍ଥ ଲେଖ ?

ଘ. "ରାମ ଧନୁ ଧାରଣ କରିଥିଲେ । ରାବଣ ସହିତ ଯୁଦ୍ଧ କଲେ । ତାକୁ ମାରି ସୀତାଙ୍କୁ ଲଙ୍କାରୁ ଉଦ୍ଧାର କଲେ ।" - ଏହି ତିନୋଟି ବାକ୍ୟକୁ ଗୋଟିଏ ସରଳ ବାକ୍ୟରେ ପରିଣତ କର ।

ଙ. "ଭାରତ ଜ୍ଞାନର ଗନ୍ତାଘର ଥିଲା । ଏହାର ଜ୍ଞାନୀ ଲୋକମାନେ ଜ୍ୟୋତିର୍ବିଜ୍ଞାନ, ଆୟୁର୍ବେଦ, ଭାଷାବିଜ୍ଞାନ ଇତ୍ୟାଦି କ୍ଷେତ୍ରରେ ପାରଦର୍ଶୀତା ହାସଲ କରିଥିଲେ ।"- ଗୋଟିଏ ଜଟିଳ ବାକ୍ୟରେ ପରିଣତ କର ।

ଚ. "ପାଦଠାରୁ ମସ୍ତକ ପର୍ଯ୍ୟନ୍ତ ବସ୍ତ୍ର ପରିଧାନ କରିଥିବା ବାଳକଠାରୁ ବୃଦ୍ଧ ଓ ବନିତା ପର୍ଯ୍ୟନ୍ତ ସମସ୍ତେ ଭୋ ଭୋ କ୍ରନ୍ଦନରତ ଥିଲେ ।"- ବାକ୍ୟର ସଂକ୍ଷିପ୍ତ ରୂପ ଲେଖ ।

ଛ. ବ୍ୟକ୍ତିଗତ ପତ୍ର କହିଲେ କ'ଣ ବୁଝ?

ଜ. ବିଜ୍ଞାପନର ବିଭିନ୍ନ ବର୍ଗଗୁଡ଼ିକ ଲେଖ।

ଝ. ଓଡ଼ିଆରେ ଫିଚର ଓ ସ୍ତମ୍ଭ ରଚନା କରୁଥିବା ଜଣ ଲେଖକଙ୍କ ନାମ ଲେଖ ।

## ଗ- ବିଭାଗ

**୩. ୮ଟି ପ୍ରଶ୍ନର ଉତ୍ତର ୨୫୦ ଶବ୍ଦରେ ପ୍ରଦାନ କର ।** **(୫×୮=୪୦)**

କ. ପ୍ରତ୍ୟୟ ଜନିତ ଅଶୁଦ୍ଧି କଣ ? ଏହାର ୫ଟି ଉଦାହରଣ ପ୍ରଦାନ କର।

ଖ. ରୂଢ଼ି କହିଲେ କ'ଣ ବୁଝ ? ରୂଢ଼ିର ପ୍ରକାର ଭେଦ ଉଦାହରଣ ମାଧମରେ ବୁଝାଅ

ଗ. ସିଂହ ଭଳି ଗର୍ଜନ କରିବା, ନିଆଁରେ ଘିଅ ପକାଇବା, ଡେଙ୍ଗା ମୁଣ୍ଡରେ ଠେଙ୍ଗା : ଏମାନଙ୍କ ଅର୍ଥ ଲେଖ ଏବଂ ଅର୍ଥ ସୂଚାଉଥିବା ବାକ୍ୟ ଗଠନ କର ।

ଘ. ଗଠନ ବା ରୂପ ଭିତ୍ତିରେ ବାକ୍ୟର ବିଭିନ୍ନ ବିଭାଗଗୁର ପରିଚୟ ପ୍ରଦାନ କର?

ଙ. ଭାବବୋଧକ ବାକ୍ୟର ବିଭିନ୍ନ ଶ୍ରେଣୀଗୁଡିକୁ ଉଦାହରଣ ମାଧ୍ୟମରେ ଚିହ୍ନାଅ ।

ଚ. ଜଟିଳ ବାକ୍ୟ କାହାକୁ କୁହାଯାଏ ? ଏଥିରେ ଥିବା ମୁଖ୍ୟ ଓ ଆଶ୍ରିତ ବାକ୍ୟ କଣ ଉଦାହରଣ ମାଧ୍ୟମରେ ବୁଝାଅ ।

ଛ. କୌଣସି ଅନୁଚ୍ଛେଦର ଶୀର୍ଷକ ନିର୍ଦ୍ଧାରଣ ପାଇଁ କେଉଁ ଦିଗ ଉପରେ ଗୁରୁତ୍ୱ ପ୍ରଦାନ କରାଯାଏ ?

ଜ. ସ୍ତମ୍ଭର ସଂକ୍ଷିପ୍ତ ପରିଚୟ ପ୍ରଦାନ କର ।

ଝ. ବ୍ୟବସାୟିକ ପତ୍ର କଣ ଏକ ନମୁନା ସହ ବୁଝାଅ ।

ଞ. ବିଜ୍ଞାପନ ସଂଜ୍ଞା ପ୍ରଦାନ କର ଓ ଏହାର ଆବଶ୍ୟକତା ଉଲ୍ଲେଖ କର ।

## ଘ-ବିଭାଗ

**୪. ଯେକୌଣସି ୪ ଟି ପ୍ରଶ୍ନର ଉତ୍ତର ୮୦୦ ଶବ୍ଦରେ ପ୍ରଦାନ କର । ('ଙ' ବ୍ୟତିତ) (୮×୪=୩୨)**

**"ଙ" ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ ।**

କ. ଶବ୍ଦ କାହାକୁ କୁହାଯାଏ ? ଶବ୍ଦ ଅଶୁଦ୍ଧିର ବିଭିନ୍ନ କାରଣ ଓ ନିରାକରଣ ଉଦାହରଣ ସହ ଉଲ୍ଲେଖ କର ।

ଖ. ପତ୍ର ଲିଖନର ବିବିଧ ଧାରା ଉପରେ ଆଲୋକପାତ କର ।

ଗ. ବାକ୍ୟର ସଂଜ୍ଞା ପ୍ରଦାନ କର । ବାକ୍ୟର ପ୍ରକାର ଭେଦ ଉଦାହରଣ ସହ ବୁଝାଅ |

ଘ. ଫିଚରର ସଂଜ୍ଞା , ଗଠନ ରୀତି ଓ ପ୍ରକାର ଭେଦ ଦର୍ଶାଅ ।

ଙ. ଅନୁଚ୍ଛେଦଟି ଭଲ ଭାବରେ ପଢ଼ ଏବଂ ପ୍ରଶ୍ନଗୁଡ଼ିକର ଉତ୍ତର ନିଜ ଭାଷାରେ ପ୍ରଦାନ କର ।

ପ୍ରଥମ ନରସିଂହ ଦେବ କୋଣାର୍କର ସୂର୍ଯ୍ୟ ମନ୍ଦିର ନିର୍ମାଣ କରିଥିଲେ। କିମ୍ବଦନ୍ତୀ ଅନୁଯାୟୀ ଓଡ଼ିଶାର ବାର ବର୍ଷର ରାଜସ୍ୱ କୋଣାର୍କ ନିର୍ମାଣରେ ବ୍ୟୟ ହୋଇଥିଲା I ଏହାର ନିର୍ମାଣ କାର୍ଯ୍ୟ ୧୨ ବର୍ଷ ଧରି ଚାଲିଥିଲା ଏବଂ ୧୨ଶହ ବଢେଇ ନିର୍ମାଣରେ ନିୟୋଜିତ ହୋଇଥିଲେ । ପୁଣି ୧୨ ବର୍ଷର ବାଳକ ଧର୍ମପଦ ଏହି ମନ୍ଦିରର ମୁଣ୍ଡି ମାରିଥିଲେ । ସମ୍ଭବତଃ କିମ୍ବଦନ୍ତୀରେ ୧୨ ଅଙ୍କର ବ୍ୟବହାର ଏକ ପ୍ରତୀକ ମାତ୍ର । ଏହା ବହୁ ଅର୍ଥ ଓ ପରିଶ୍ରମରେ ନିର୍ମିତ କୋଣାର୍କ ମନ୍ଦିରର ମହାନତାକୁ ପ୍ରଦର୍ଶନ କରିଥାଏ । କୋଣାର୍କ ବ୍ୟତିତ ବାଲେଶ୍ୱରର ରେମୁଣା ସ୍ଥିତ କ୍ଷୀରଚୋରା ଗୋପୀନାଥ ଓ ଲିଙ୍ଗରାଜ ମନ୍ଦିରର ଭୋଗ ମଣ୍ଡପ ମଣ୍ଡପ ମଧ୍ୟ ପ୍ରଥମ ନରସିଂହ ଦେବଙ୍କ ରାଜତ୍ୱ କାଳରେ ନିର୍ମିତ ହୋଇଥିଲା। ତାଙ୍କର ରାଜକବି ବିଦ୍ୟାଧର 'ଏକାବଳୀ' ନାମକ କାବ୍ୟ ରଚନା କରିଥିଲେ । ମୋଟ ଉପରେ ଇତିହାସରେ ପ୍ରଥମ ନରସିଂହଦେବଙ୍କୁ ଏକା ସାଂଗରେ ଜଣେ ଯୋଦ୍ଧା , ସାହିତ୍ୟ ରସିକ ଓ ସ୍ଥାପତ୍ୟର ପୃଷ୍ଠ ପୋଷକ ଭାବରେ ଗଣନା କରାଯାଏ । ଚୋଡଗଙ୍ଗ ଦେବଙ୍କ ପରେ ଗଜପତି ଉପାଧି ଧାରଣ କରିବାରେ ସେ ହେଉଛନ୍ତି ପ୍ରଥମ ଗଙ୍ଗରାଜା । ତାଙ୍କ ପରେ ସୂର୍ଯ୍ୟବଂଶର ରାଜାମାନେ ମଧ୍ୟ ଗଜପତି ଉପାଧି ଧାରଣ କରିଥିଲେ ।

i. ୧୨ ଅଙ୍କଟି କାହାର ପ୍ରତୀକ ବୋଲି କୁହାଯାଇଛି ?

ii. ଏହି ଅନୁଚ୍ଛେଦରେ କେଉଁ କେଉଁ ରାଜବଂଶର ନାମ ଉଲ୍ଲେଖ କରାଯାଇଛି ?

iii. ପ୍ରଥମ ନରସିଂହ ଦେବ କୃତିଗୁଡିକ କଣ ?

iv. କେଉଁ ରାଜା ପ୍ରଥମେ ଗଜପତି ଉପାଧି ଧାରଣ କରିଥିଲେ ?

***************

**DECEMBER,2024**

## ପରିଶୁଦ୍ଧ ଭାଷା ଓ ଲିଖନ ଧାରା

ସମୟ -୩ ଘଣ୍ଟା ପୂର୍ଣ୍ଣସଂଖ୍ୟା- ୧୦୦

ନିର୍ଦ୍ଦେଶ ଅନୁସାରେ ପ୍ରଶ୍ନଗୁଡିକର ଉତ୍ତର ପ୍ରଦାନ କରନ୍ତୁ ।

### କ- ବିଭାଗ

**୧. ଗୋଟିଏ ବାକ୍ୟ ବା ଗୋଟିଏ ଶବ୍ଦରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦିଅ ।** **(୧×୧୦=୧୦)**

କ. ଶବ୍ଦର ସଂଜ୍ଞା ଲେଖ ।
ଖ. ଦୁରାବସ୍ଥା - ଶୁଦ୍ଧ ରୂପ ଲେଖ
ଗ. ରୂଢ଼ିର ଅର୍ଥ ଲେଖ - ନଈ ନ ଦେଖୁଣୁ ଲଙ୍ଗଳା
ଘ. ବସି ଖାଇଲେ ନଈବାଲି ସରେ - ରୂଢ଼ିର ଅର୍ଥ ପ୍ରକାଶ କରୁଥିବା ବାକ୍ୟ ଲେଖ ।
ଙ. ଏଇ କାମଟି ଶିଘ୍ର ଶେଷ କର । - ଏହା କି ପ୍ରକାରର ବାକ୍ୟ ?
ଚ. ଗୋଟିଏ ମାତ୍ର ପଦ ଥିବା ବାକ୍ୟଟିଏ ଲେଖ ।
ଚ . ଆନେକ ପିଲାଏ ଖେଳୁଛନ୍ତି । - ଶୁଦ୍ଧରୂପ ଲେଖ ।
ଛ. ମୁଁ ଘରକୁ ଗଲି ଏବଂ ଖାଇଛି ।- ସରଳ ବାକ୍ୟରେ ପ୍ରକାଶ କର ।
ଜ. ସାଧାରଣତଃ ଫିଚର ଖବରକାଗଜର କେଉଁ ପୃଷ୍ଠାରେ ପ୍ରକାଶ ପାଇଥାଏ ।
ଝ. ତୁମେ ବାପାଙ୍କ ପାଖକୁ ପଠାଉଥିବା ପତ୍ର _______ ଶ୍ରେଣୀର ପତ୍ର ଅଟେ ।
ଞ. Advertisement ର ଓଡିଆ ପ୍ରତିଶବ୍ଦ ହେଉଛି ___________।

### ଖ- ବିଭାଗ

**୨. ୯ଟି ପ୍ରଶ୍ନର ଉତ୍ତର ଦିଅ ।(୫୦ଟି ଶବ୍ଦରେ)** **(୨×୯=୧୮)**

କ. ବଚନ ଜନିତ ଅଶୁଦ୍ଧିର ଦୁଇଟି ଉଦାରଣ ପ୍ରଦାନ କର ।
ଖ. ଲିଙ୍ଗ ଜନିତ ଅଶୁଦ୍ଧିର ଦୁଇଟି ଉଦାହରଣ ପ୍ରଦାନ କର ।
ଗ. ଦୁଇଟି ତୁଳନତ୍ମକ ରୂଢିର ଉଦାହରଣ ପ୍ରଦାନ କର ଏବଂ ଅର୍ଥ ଲେଖ ?
ଘ. " କୃଷ୍ଣ ଗୋପରେ ବଢ଼ିଥିଲେଲେ । ଧନୁଯାତ୍ରାରେ କୃଷ୍ଣ କଂସକୁ ମାରିଲେ ।" - ଏହି ଦୁଇଟି ବାକ୍ୟକୁ ଗୋଟିଏ ଜଟିଳ ବାକ୍ୟରେ ପରିଣତ କର ।
ଙ. "କୃଷ୍ଣଙ୍କୁ ଦେବକୀ ଜନ୍ମ ଦେଇଥିଲେ । କୃଷ୍ଣଙ୍କୁ ଯଶୋଦା ପାଳନ କରିଥିଲେ ।"- ଗୋଟିଏ ସରଳ ବାକ୍ୟରେ ପରିଣତ କର ।
ଚ. ବାକ୍ୟର ଲକ୍ଷଣ କ'ଣ ଦର୍ଶାଅ ।
ଛ. ବ୍ୟବସାୟିକ ପତ୍ର କହିଲେ କ'ଣ ବୁଝ ?
ଜ. ବିଜ୍ଞାପନର ଆବଶ୍ୟକତା କାହିଁକି ରହିଛି।
ଝ. ଓଡ଼ିଆରେ ଫିଚର ରଚନା କରୁଥିବା ଦୁଇ ଜଣ ଲେଖକଙ୍କ ନାମ ଲେଖ ।

### ଗ- ବିଭାଗ

**୩. ୮ଟି ପ୍ରଶ୍ନର ଉତ୍ତର ୨୫୦ ଶବ୍ଦରେ ପ୍ରଦାନ କର । (୫×୮=୪୦)**

କ. ଶବ୍ଦ ଅଶୁଦ୍ଧିର କାରଣ ଗୁଡିକ ଲେଖ ଏବଂ ୫ଟି ଉଦାହରଣ ପ୍ରଦାନ କର।
ଖ. ରୂଢ଼ି କହିଲେ କ'ଣ ବୁଝ ? ରୂଢ଼ିର ପ୍ରକାର ଭେଦ ଉଦାହରଣ ମାଧମରେ ବୁଝାଅ
ଗ. ଗାଁ କନିଆଁ ଶିଙ୍ଘାଣିନାକୀ , ଲଙ୍କାରେ ହରି ଶବ୍ଦ, ବିଲେଇ କପାଳକୁ ଶିକା ଛିଣ୍ଡିବା : ଏମାନଙ୍କ ଅର୍ଥ ଲେଖ ଏବଂ ଅର୍ଥ ସୂଚାଉଥିବା ବାକ୍ୟ ଗଠନ କର ।
ଘ. ବାକ୍ୟର ଶ୍ରେଣୀ ବିଭାଗ କର ।

ଙ. ଶବ୍ଦମାନେ ବାକ୍ୟରେ ବ୍ୟବହାର ହୋଇ କିପରି ବାକ୍ୟ ଗଠିତ ହୁଏ, ଦର୍ଶାଅ ।
ଚ. ସରଳ, ଯୌଗିକ ଏବଂ ଜଟିଳ ବାକ୍ୟ କାହାକୁ କୁହାଯାଏ, ଉଦାହରଣ ଦ୍ୱାରା ବୁଝାଅ ।
ଛ. ଅନୁଚ୍ଛେଦର ଶୀର୍ଷକ ନିର୍ଦ୍ଧାରଣ ପାଇଁ କେଉଁ ଦିଗ ଉପରେ ଗୁରୁତ୍ୱ ପ୍ରଦାନ କରାଯାଏ ?
ଜ. ସ୍ତମ୍ଭର ସଂକ୍ଷିପ୍ତ ପରିଚୟ ପ୍ରଦାନ କର ।
ଝ. ନିମନ୍ତ୍ରଣ ପତ୍ର କିପରି ଲେଖାଯାଏ ନମୁନା ସହ ବୁଝାଅ ।
ଞ. ଆଧୁନିକ ଯୁଗରେ ବିଜ୍ଞାପନର ଆବଶ୍ୟକତା କାହିଁକି ବୃଦ୍ଧି ପାଇଛି, ବିଚାର କର ।

**ଘ-ବିଭାଗ**

**୪. ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ୮୦୦ ଶବ୍ଦରେ ପ୍ରଦାନ କର । ('ଙ' ବ୍ୟତିତ) (୮×୪=୩୨)**
**("ଙ" ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ)**

କ. ରୂଢ଼ି କାହାକୁ କୁହାଯାଏ ? ରୂଢ଼ିର ପ୍ରକାର ଭେଦ ଉଦାହରଣ ମାଧ୍ୟମରେ ବୁଝାଅ ।
ଖ. ବିଜ୍ଞାପନର ସଂଜ୍ଞା, ସ୍ୱରୂପ ଏବଂ ଆଧୁନିକ କାଳରେ ଏହାର ଆବଶ୍ୟକତା ଉପରେ ଆଲୋକପାତ କର ।।
ଗ. ବାକ୍ୟର ସଂଜ୍ଞା ପ୍ରଦାନ କର । ବାକ୍ୟର ପ୍ରକାର ଭେଦ ଉଦାହରଣ ସହ ବୁଝାଅ |
ଘ. ଫିଚରର ସଂଜ୍ଞା , ଗଠନ ରୀତି ଓ ପ୍ରକାର ଭେଦ ଦର୍ଶାଅ ।
ଙ. ଅନୁଚ୍ଛେଦଟି ଭଲ ଭାବରେ ପଢ଼ ଏବଂ ପ୍ରଶ୍ନଗୁଡ଼ିକର ଉତ୍ତର ନିଜ ଭାଷାରେ ପ୍ରଦାନ କର ।

ପଶ୍ଚିମ ଓଡ଼ିଶାରେ ରହିଥିବା ସମସ୍ତ ଗଡ଼ଜାତ ଏବଂ ଅନ୍ୟ ଅଞ୍ଚଳ ଗୁଡିକର ମୁଖ୍ୟାଳୟ ଥିଲା ସମ୍ବଲପୁର । ସେଇ ଆଧାରରେ ପଶ୍ଚିମ ଓଡ଼ିଶାକୁ ସମ୍ବଲପୁର ଅଞ୍ଚଳ ବା ଲୌକିକ ଭାବରେ ସମ୍ବଲପୁର କୁହାଯାଉଥିଲା। ସମ୍ବଲପୁର ଇଁରେଜ ଶାସନ ଆରମ୍ଭରୁ କେନ୍ଦ୍ର ପ୍ରଦେଶରେ ରହିଥିଲା । ଇଁରେଜ ରେସିଡେଣ୍ଟ ସେଠାରେ ପ୍ରଥମେ ସରକାରୀ କାଗଜରେ ଉର୍ଦ୍ଧୁ ଓ ପାର୍ଶୀ ଭାଷାର ବ୍ୟବହାରକୁ ସ୍ୱୀକୃତି ଦେଇଥିଲେ। ୧୮୬୨ରୁ ଓଡ଼ିଆ ପ୍ରଚଳନ ହେଲା । କେନ୍ଦ୍ର ପ୍ରଦେଶର ଅନ୍ୟ ଅଞ୍ଚଳରେ ହିନ୍ଦୀ ଏବଂ ସମ୍ବଲପୁରରେ ଓଡ଼ିଆର ପ୍ରଚଳନ ଯୋଗୁଁ ସରକାର ପ୍ରାଶାସନିକ ଅସୁବିଧାରେ ସମ୍ମୁଖୀନ ହେଲେ । ଫଳରେ ୧୮୯୫ରେ ପୁଣି ଥରେ ଓଡ଼ିଆ ସ୍ଥାନରେ ହିନ୍ଦୀ ସରକାରୀ ଭାଷା ବୋଲି ସରକାରୀ ନିର୍ଦ୍ଦେଶନାମା ଜାରୀ ହେଲା । ହିନ୍ଦୀକୁ ପ୍ରୋତ୍ସାହନ ଦେବା ପାଇଁ ସ୍କୁଲରେ ତୃତୀୟ ଶ୍ରେଣୀରୁ ଏହାକୁ ବାଧ୍ୟତାମୂଳକ ବିଷୟ କରିବା ଲାଗି ପ୍ରସ୍ତାବ ରହିଲା ଏବଂ ୧୯୯୬ରୁ ଏହା କାର୍ଯ୍ୟକାରୀ ହେଲା । ଏହି ଆଦେଶକୁ ପ୍ରତ୍ୟାହାର କରିନେବା ପାଇଁ ସମ୍ବଲପୁରରେ ପ୍ରବଳ ଆନ୍ଦୋଳନ ହେଲା । ଶେଷରେ ୧୯୦୧ ରେ ସରକାର ସମ୍ବଲପୁରରେ ଓଡ଼ିଆ ଭାଷା ପୁନଃ ପ୍ରଚଳନ ପାଇଁ ନିର୍ଦ୍ଦେଶନାମା ଜାରିହେଲା । ୧୯୦୫ ରେ ସମ୍ବଲପୁରକୁ ଓଡ଼ିଶା ଡିଭିଜନ ସହ ମିଶାଇ ଦିଆଗଲା ।

i. କେଉଁ ଅଞ୍ଚଳକୁ ସମ୍ବଲପୁର କୁହାଯାଉ ଥିଲା ?
ii. କାହିଁକି ହିନ୍ଦୀ ଭାଷା ସମ୍ବଲପୁରରେ ପ୍ରଚଳନ ହେଲା ?
iii. କେବେ ସମ୍ବଲପୁରରେ ହିନ୍ଦୀ ସରକାରୀ ଭାଷା ଭାବରେ କାର୍ଯ୍ୟକାରୀ ହେଲା ?
iv. କେବେ ସମ୍ବଲପୁର ଓଡ଼ିଶା ଡିଭିଜନରେ ମିଶିଗଲା ?

***************